ପାଠ - ୭

# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କଲେ । ଦୁଷ୍ମନ୍ତ





ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ।" ଜେଜେ ପୁଣି କହିଲେ, "ଯଦି ଦରକାର

ହୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ ।"

ପିଲାଏ ପଚାରିଲେ, ତେବେ ନ ଖାଇଲେ କ'ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଥଟ୍ଟାତାମସା କଲେ । ପଦ୍ୟାନ୍ତ ଓ ଥଟ୍ଟାତାମସା ଭିତରେ ଗାଡ଼ି ଭଟ୍ଟାରିକାରେ ପହଂଚିଗଲା ।

## ଅଭ୍ୟାସ

### ୧ । ଗପରୁ କୁହ ।

(କ) ଆଠଗଡ଼ ପାଖରେ କେଉଁ ମନ୍ଦିର ଅଛି ?

(ଖ) ଗାଡ଼ିଟି କାହିଁକି ଗାଁ'ଦାଣ୍ଡରେ ମନ୍ଥର ଗତିରେ ଯାଉଥିବ ?

(ଗ) ଜେଜେଙ୍କ ପାଖରେ ବସିବା ପାଇଁ ପିଲାମାନେ ଜିଦ୍ କଲେ କାହିଁକି ?

(ଘ) ଗାଡ଼ିରୁ ଓହ୍ଲାଇବାପରେ ପିଲାମାନେ କ'ଣ କରିଥିବେ ?

୨ । ପାଠଟିକୁ ପଢ଼ । 'ଟ୍ଟ', 'ନ୍ତ', 'ନ୍ଥ' ଲାଗିଥିବା ଶବ୍ଦଗୁଡ଼ିକୁ ଠିକ୍ ଉଚ୍ଚାରଣ କରି ପଢ଼ ଓ ଲେଖ ।

ଟ୍ଟ ____ ____ ____ ____ ____

ନ୍ତ ____ ____ ____ ____ ____


ନ୍ଥ ____ ____ ____ ____ ____

୩ । ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକ ସହ 'ନ୍ଥ' ଯୁକ୍ତାକ୍ଷର ଲଗାଇ ପଢ଼ ଓ ନୂଆ ଶବ୍ଦଟିକୁ ଲେଖ ।

କା ____ ପା ____ ସୁ ____ ମ ____

୪ । ବାହାର ଅକ୍ଷର ସହିତ ନଳ ଭିତରର 'ନ୍ତ' ଅକ୍ଷରକୁ ମିଶାଇ ଶବ୍ଦ ଗଢ଼ । ନଳ ଭିତରେ ଲେଖ ।

ଯେପରି




୫ । ତଳ ଶବ୍ଦଗୁଡ଼ିକୁ ସଜାଇ ଲେଖ ।

କାଳିଅଟ୍ଟା ____________ ହାଟ୍ଟଅସ୍ୟ ____________

ଜୁରଟ୍ଟାଭଆ ____________ ପଶିଟ୍ଟଷ୍ୟ ____________

ଟ୍ଟାରିକାଭ____________

୬। ଖାଲିଘରେ 'ନ୍ତ' ଲଗାଇ ଠିକ୍ ଭାବରେ ପଢ଼ ।

ବସ______ ହେମ______ ବ______ଳ ଅନ______

ଅତ୍ୟ______ ନିତା______ ଆଭ୍ୟ______ର ଜୀବ______

୭। ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ । ଯେଉଁ ଚିତ୍ରର ନାମ ଯାହା ସେହି ଚିତ୍ର ତଳେ ସେହି ନାମ ଲେଖ ।

(ପେନ୍ଥା, ଅଟ୍ଟାଳିକା, ମନ୍ଥା, ଯନ୍ତା, କାନ୍ଥ, ଦାନ୍ତ, ଗ୍ରନ୍ଥ, ତନ୍ତ, ବୃନ୍ତ)











## ୮ । ଗୋଟିଏ ବାକ୍ୟରେ ଲେଖ ।

(କ) ଦୁଷ୍ମନ୍ତ ବାବୁ କୁଆଡ଼େ ବୁଲିଯିବାକୁ ଯୋଜନା କରିଥିଲେ ?

________________________________________

(ଖ) ଅଟ୍ଟାଳିକା ଆଗରେ ଗାଡ଼ି କେତେବେଳେ ପହଞ୍ଚିଲା ?

________________________________________

(ଗ) ଗାଁ ଦାଣ୍ଡରେ ଗାଡ଼ିଟି କେମିତି ଯାଉଥିଲା ?

________________________________________

## ୯ । ତୁମେ ପ୍ରତିଦିନ କ'ଣ କ'ଣ ଖାଦ୍ୟ ଖାଅ ଲେଖ ।

______ ______ ______ ______ ______ ______

______ ______ ______ ______ ______ ______

## ୧୦ । ନ ଖାଇଲେ କ'ଣ ହେବ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

______________ ______________

______________ ______________

## ୧୧ । ତୁମେ ଖାଉଥିବା କଞ୍ଚା ଓ ପାଚିଲା ଫଳର ନାମ ଲେଖ ।

______________ ______________

______________ ______________

______________ ______________

୧୨। ପ୍ରଥମ ଦୁଇ ଧାଡ଼ି ପଢ଼ି ଖାଲିସ୍ଥାନ ପୂରଣ କର।

**ଯେପରି :** ଗରମ ଗରମ ଭାତ

ଗରମ ଗରମ ବରା

______________________________

______________________________

______________________________

୧୩। ଘରେ ରହୁଥିବା ପଶୁ, ପକ୍ଷୀ କ'ଣ ଖାଆନ୍ତି ଘରୁ ବୁଝିଆସି ସାଙ୍ଗ ସହ ଆଲୋଚନା କର ।



## ପାଠ - ୭

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା–

କ'ଣ ଶିଖିବେ - ପିରିୟଡ଼ ସଂଖ୍ୟା – ୩୫

**ଭାଷା :**

- **'ଟ୍ଟ', 'ନ୍ତ', 'ନ୍ଦ' ଯୁକ୍ତାକ୍ଷର ଚିହ୍ନିବେ ।**
- ଠିକ୍ ବନାନ ସହ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ସରଳ ଭାବରେ ସହଜ ପ୍ରଶ୍ନର ଉତ୍ତର ଦେବେ ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝି ପାରିଥିବେ ।

**ପରିବେଶ :**

- ସ୍ୱାସ୍ଥ୍ୟପାଇଁ ଖାଦ୍ୟର ଆବଶ୍ୟକତା ବୁଝିବେ ।
- ଶିକ୍ଷକ ଗପଟିକୁ କହିବେ । ଯୁକ୍ତାକ୍ଷରଗୁଡ଼ିକୁ ଗୁରୁତ୍ୱଦେଇ ଉଚ୍ଚାରଣ କରିବେ । ଯୁକ୍ତାକ୍ଷରଥିବା ଶବ୍ଦଗୁଡ଼ିକର ଚିତ୍ର ସଂଗ୍ରହ କରିବେ । ଅଟ୍ଟାଳିକାସହ ସାଧାରଣଘରର ଚିତ୍ର ଦେଖାଇ ଅଟ୍ଟାଳିକା ଶବ୍ଦ ବୁଝାଇବାକୁ ଚେଷ୍ଟାକରିବେ । ଭଟ୍ଟାରିକା ଠାକୁରାଣୀଙ୍କ ବିଷୟରେ କହିବେ । ଦାନ୍ତ, ତେନ୍ତୁଳି, କାନ୍ଦୁର ଚିତ୍ରରୁ ଉଚ୍ଚାରଣ ସ୍ପଷ୍ଟ କରାଇବେ ।
- ଚିତ୍ରସହ ଶବ୍ଦରୁ ଅକ୍ଷର ଚିହ୍ନାଇପାରିବେ ।
- ବାହାର ଜିନିଷ କ'ଣ ଖାଇବାକୁ ମିଳେ ଆଲୋଚନା କରିବେ ।
- ଘରତିଆରି ଜିନିଷ ଓ ବାହାର ଜିନିଷ ମଧ୍ୟରୁ କେଉଁଟି ଖାଇବାଉଚିତ୍ ଆଲୋଚନା କରିବେ ।
- କେତେବେଳେ ଖାଦ୍ୟ ବାସି ହୁଏ, ତଟକା ଖାଦ୍ୟ କ'ଣ, କେତେ ଖାଇବା କଥା ଆଲୋଚନା କରାଇବେ ।
- ଯିଏ ଖାଏନାହିଁ ଓ ଯିଏ ବେଶି ଖାଏ ତାର କ'ଣ ଅସୁବିଧା ହୁଏ ଆଲୋଚନା କରାଇବେ ।
- ପଦ୍ୟାନ୍ତରେ ଯୁକ୍ତାକ୍ଷର ଥାଇ ପଦ୍ୟାନ୍ତ କରିବାକୁ କହିବେ ।

**ଅଭ୍ୟାସ:**

- ବ୍ୟକ୍ତିଗତ ଭାବରେ ଅଭ୍ୟାସକାର୍ଯ୍ୟ କରିବେ ଓ ଶ୍ରେଣୀରେ ଆଲୋଚନା ହେବ ।
- ଗପରୁ ଅଧିକ ପ୍ରଶ୍ନ ତିଆରି କରିବେ ।
- ଦିଆଯାଇଥିବା ସୂଚନା ଅନୁସାରେ ପିଲାମାନେ ଉତ୍ତର କରିବେ ଓ ଶିକ୍ଷକ ଆବଶ୍ୟକସ୍ଥଳେ ସାହାଯ୍ୟ କରିବେ ।